## ସଂକ୍ଷେପରେ

### ୧୪୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୨୩।୧:** ଅନୁଗୋଳ ଜିଲାରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଲଗାତର ଶହେ ଉପରେ ରହୁଛି। ରବିବାର ଜିଲାରୁ ୧୪୨ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୬ ହଜାର ୨୭୦ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକ ଅଞ୍ଚଳରୁ ୨୭ଜଣ, ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୨୩, ତାଳଚେର ବ୍ଲକ ଅଞ୍ଚଳରୁ ୧୮, ଅନୁଗୋଳ ବ୍ଲକ ଅଞ୍ଚଳରୁ ୧୫, ଅନୁଗୋଳ ପୌରାଞ୍ଚଳରୁ ୧୩, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୧, ତାଳଚେର ପୌରାଞ୍ଚଳରୁ ୯, କିଶୋରନଗର ବ୍ଲକ ଅଞ୍ଚଳରୁ ୮, ପାଲଲହଡା ବ୍ଲକ ଅଞ୍ଚଳରୁ ୭, କଣିହାଁ ବ୍ଲକ ଅଞ୍ଚଳରୁ ୬ ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫ ଜଣ ଅଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୮୫ ଜଣ କୋଭିଡ୍‌ରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୦୪ଜଣ କୋଭିଡ୍‌ରେ ପ୍ରାଣ ହରାଇଥିବା ବେଳେ ୧୫ଲକ୍ଷ ୭୯ ହଜାର ୫୨୯ଜଣଙ୍କୁ ଟିକା ଦିଆଯାଇସାରିଛି।

### ମହିଳାଙ୍କୁ ହତ୍ୟା ଧମକ

**ବଇଣ୍ଡା,୨୩।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ତନୟା ସାହୁଙ୍କ ଏକ ପଣସ ଗଛକୁ ବେଆଇନ ଭାବେ ସେହି ଗ୍ରାମର ତ୍ରିପୁରାରୀ ସାହୁ ଓ ତାଙ୍କ ସ୍ତ୍ରୀ ପାର୍ବତୀ ସାହୁ କାଟି ଦେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତିକରି ନମ୍ବର ୧୬/୨୨ରେ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ତନୟାଙ୍କ ଜମିରେ ଏକ ପଣସ ଗଛ ଥିବାବେଳେ ତ୍ରିପୁରାରୀ ତାହା ତାଙ୍କ ଗଛ କହି କାଟୁଥିଲେ। ତନୟା ପ୍ରତିବାଦ କରିବାକୁ ସେମାନେ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ୧୦ ହଜାର ଟଙ୍କା ଜରିମାନା ଆଦାୟ

**ବଇଣ୍ଡା,୨୩।୧(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ବଇଣ୍ଡା ଫାଣ୍ଡି କଦଳୀମୁଣ୍ଡା ନିକଟରେ ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଅଟକାଇ କାଗଜପତ୍ର, ଲାଇସେନ୍ସ, ସିଟ୍‌ବେଲ୍ଟ, ହେଲମେଟ ଆଦି ଯାଞ୍ଚ କରାଯାଇ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ମାସ୍କ ଯାଞ୍ଚ କରାଯାଇ ୧୨ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୨୩।୧(ଡି.ଏନ.ଏ.):** ହଣ୍ଡପା ଥାନା ଆଡିକଟା ଗ୍ରାମର ସୀମା ନାୟକଙ୍କୁ ତାଙ୍କ ସ୍ୱାମୀ ଦିବ୍ୟଲୋଚନ ବେହେରା ନିର୍ଯାତନା ଦେଉଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ୨ ବର୍ଷ ପୂର୍ବେ ଦିବ୍ୟଲୋଚନ ସୀମାଙ୍କୁ ବିବାହ କରିଥିଲେ। ହେଲେ କିଛି ମାସ ହେବ ବିନା କାରଣରେ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ବ୍ରାଉନସୁଗାର ଜବତ, ୨ ଗିରଫ



**ଅନୁଗୋଳ ଅଫିସ,୨୩।୧:** ତାଳଚେର ପୋଲିସ ୧୮.୦୯୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳା ଓ ପୁରୁଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗତ ୧୯ ତାରିଖ ରାତି ପ୍ରାୟ ୧ଟା ବେଳେ ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଅର୍ଚ୍ଚନା ନାୟକ କର୍ମଚାରୀମାନଙ୍କ ସହ ହାଟତୋଟା, ବାଇପାସ୍, ବାଘୁଆବୋଲ ଓ ଟାଉନ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୧ଟା ସମୟରେ ଏସ୍‌ଆଇ ନାୟକଙ୍କୁ ବ୍ରାଉନସୁଗାର କାରବାର ସମ୍ପର୍କରେ ସୂଚନା ମିଳିଥିଲା। ପରେ ଏସ୍‌ଆଇ ଓ ତାଙ୍କ ଟିମ୍ ବାଘୁଆବୋଲ ଅଞ୍ଚଳରେ ଚଢ଼ାଉ କରି ଜଣେ ମହିଳା ଓ ପୁରୁଷଙ୍କୁ ଅଟକ ରଖିଥିଲେ। ସେମାନଙ୍କଠାରୁ ୧୮. ୦୯୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ତଦନ୍ତ ପରେ ସେମାନଙ୍କଠାରୁ ୪ଟି ମୋବାଇଲ, ଏକ ଆକ୍ଟିଭା ଜବତ କରାଯାଇ ୨୧ ତାରିଖରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ପୂଜ୍ୟପୂଜାଙ୍କୁ ଅସମ୍ମାନ

**ଢେଙ୍କାନାଳ ଅଫିସ, ୨୩।୧**

- ■ କ୍ଷୋଭବ୍ୟକ୍ତ କଲା ଥିଙ୍କର୍ସ ଫୋରମ୍
- ■ ଢେଙ୍କା ଶବରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଢେଙ୍କାନାଳ ଜିଲାରେ ପୂଜ୍ୟପୂଜାଙ୍କୁ ଉପଯୁକ୍ତ ସମ୍ମାନ ମିଳୁନାହିଁ। ମହାପୁରୁଷଙ୍କ ଜୟନ୍ତୀ, ତିରୋଧାନ ଦିବସରେ ସହରରେ ସ୍ଥାପିତ ପ୍ରତିମୂର୍ତ୍ତିରେ ନାମକୁ ମାତ୍ର ଫୁଲମାଳ ପକାଇ ପ୍ରଶାସନ ଦାୟିତ୍ୱ ସାରିଦେଉଥିବାବେଳେ ଅନ୍ୟଦିନରେ ପରିତ୍ୟକ୍ତ ଅବସ୍ଥାରେ ଧୂଳିଧୂସରିତ ହୋଇ ପଡ଼ିରହୁଛି। ଏଭଳି ଅବହେଳାକୁ ନେଇ କ୍ଷୋଭବ୍ୟକ୍ତ କରିଛି ଢେଙ୍କାନାଳ ଥିଙ୍କର୍ସ ଫୋରମ୍। ଜିଲାର ଐତିହ୍ୟ, ସଂସ୍କୃତି, ସାହିତ୍ୟ ଏବଂ ଗଡ଼ଜାତ ଆନ୍ଦୋଳନ ସହ ଜଡ଼ିତ ବ୍ୟକ୍ତିବିଶେଷ ପରପିଢ଼ି ପାଇଁ ଆଦର୍ଶ ହୋଇଥିବାବେଳେ ସେମାନଙ୍କ ସ୍ମୃତିସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ ଫୋରମ୍ ପକ୍ଷରୁ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତେବେ ଏହା ନିକଟରେ ଥିବା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଏବଂ ଢେଙ୍କାନାଳ ମାଟିର ବିଶିଷ୍ଟ କବି ବ୍ରଜନାଥ ବଡ଼ଜେନାଙ୍କ ପ୍ରତିମୂର୍ତ୍ତି ପରିତ୍ୟକ୍ତ ହୋଇପଡ଼ିଥିଲା। ଏହାକୁ ଦେଖି କ୍ଷୋଭବ୍ୟକ୍ତ କରିଥିଲେ ଫୋରମ୍ ସଦସ୍ୟ। ସେମାନେ ମିଳିତ ହୋଇ ଉଭୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ସଫା କରିବା ସହ ମାଲ୍ୟାର୍ପଣ କରିଥିଲେ।



ଢେଙ୍କା ଶବର ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ଏହି ଅବସରରେ ବିଜ୍ଞାନକେନ୍ଦ୍ର ନିକଟସ୍ଥ ପାହାଡ଼ରେ ଥିବା ଢେଙ୍କା ଶବର ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ଢେଙ୍କାନାଳରେ ଢେଙ୍କା ଶବରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ଲାଗି ଫୋରମ୍ ସଦସ୍ୟ ଦାବି କରିଥିଲେ। ସଭାପତି ସୋମେନ୍ଦୁ ଶତପଥୀ, ପ୍ରକାଶଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ବୈକୁଣ୍ଠ ବିହାରୀ ଦ୍ୱିବେଦୀ, ବିଶ୍ୱଜିତ ବରାଳ, ଭୋଜରାଜ ସାହୁ, ସୁଶୀଲ ନନ୍ଦ, ବିବେକାନନ୍ଦ ଷଡ଼ଙ୍ଗୀ, ନଜରୁଲ ଇସଲାମ, ହୃଦୟାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶୋଷଣହୀନ ସମାଜ ପ୍ରତିଷ୍ଠା ଆହ୍ୱାନ

**ଅନୁଗୋଳ ଅଫିସ,୨୩।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ଅବସରରେ ଛାତ୍ର ସଙ୍ଗଠନ ଡି.ଏସ୍.ଓ ଏବଂ ଯୁବ ସଙ୍ଗଠନ ଡି.ୱାଇ.ଓ. ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ଡି.ୱାଇ.ଓ. ଆଞ୍ଚଳିକ କମିଟି ସମ୍ପାଦିକା ଜ୍ୟୋତ୍ସ୍ନା ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ପ୍ରମୋଦ କୁମାର ପ୍ରଧାନ, ଡି.ୱାଇ.ଓ. ରାଜ୍ୟ ସଭାପତି ମାନସ ପାଳ ପ୍ରମୁଖ ବକ୍ତବ୍ୟ ରଖି ନେତାଜୀଙ୍କ ଜୀବନ ସଂଗ୍ରାମରୁ ଶିକ୍ଷାନେଇ ଛାତ୍ର, ଯୁବକମାନେ ଏକ ଶୋଷଣହୀନ ସମାଜ ପ୍ରତିଷ୍ଠା ପାଇଁ ଦାୟିତ୍ୱବାନ ହେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଓକିଲ ରଜତରଞ୍ଜନ ଦାସ, ରବୀନ୍ଦ୍ରନାଥ ପ୍ରଧାନ, ବ୍ରଜବନ୍ଧୁ ସାହୁ, ବିଷ୍ଣୁ ସାହୁ, ଡି.ୱାଇ.ଓ. ଜିଲା ସଭାପତି ନିରଞ୍ଜନ ନାୟକ, ସଙ୍ଗଠକ ମଳୟ ବେହେରା, ରାଜେଶ ପାଳ, ସୋରେନ ସାହୁ, ଡି.ଏସ୍.ଓ ଜିଲା ସମ୍ପାଦକ ନାରାୟଣ ନାୟକ, ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ନେତାଜୀଙ୍କ ଜୟନ୍ତୀ ପାଳନ କରାଯାଉଛି।

### ପ୍ଲାଣ୍ଟରୁ ଚୋରି, ୪ ଗିରଫ



**ଛେଣ୍ଡିପଦା,୨୩।୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ପୋଲିସ ଜିନ୍ଦଲ ପ୍ଲାଣ୍ଟରୁ ଚୋରି ଘଟଣାରେ ଏକ ହାଇୱା ଓ ଲୋଡର ଜବତ କରିବା ସହ ୪ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗତ ୨୦ ତାରିଖ ଅପରାହ୍ନରେ ଜିନ୍ଦଲ ପ୍ଲାଣ୍ଟ ଆଶ୍ୱପଣ୍ଡ ନିକଟରେ ଏକ ହାଇୱା (ନଂ. ଓଡି୧୪ଏକ୍ସ-୪୩୦୫) ସନ୍ଦେହଜନକ ଭାବେ ରଖାଯାଇଥିଲା। କମ୍ପାନୀ ସିକ୍ୟୁରିଟି କର୍ମଚାରୀମାନେ ତନଖି କରି ଗାଡି ଭିତରୁ ୬ ଟନ୍ ଲୁହା ପିଲେଟ ଜବତ କରିଥିଲେ। ଡେପୁଟି ସିକ୍ୟୁରିଟି ଅଫିସର ବଂଶୀଲାଲ ବାରେଥ୍‌ଙ୍କ ଅଭିଯୋଗ ଆଧାରରେ ଏ ନେଇ ଶିଳ୍ପାଞ୍ଚଳ ପୋଲିସ ନଂ. ୧୧/୨୨ରେ ଏକ ମାମଲା ରୁଜୁ କରି ହାଇୱା ଚାଳକ ଦେବଗଡ଼ର ବୁଲୁ ଜେନା(୨୨) ଓ ହେଲପର ବଅଁରପାଳର ରିପୁନ ବେହେରା(୨୪)ଙ୍କୁ ଅଟକ ରଖି ପଚରା ଉଚରା କରିଥିଲା। ତଦନ୍ତ ବେଳେ ଏହି ଘଟଣାରେ ପ୍ଲାଣ୍ଟ ଲୋଡର ଚାଳକ ଜରପଡା ଥାନା ଦୁର୍ଗାପୁର ଗ୍ରାମର ପିଙ୍କୁ ସାହୁ(୨୧) ଓ ଟେକ୍ନିସିଆନ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଗ୍ରାମର ପ୍ରଶାନ୍ତ କୁମାର ଦାସ(୨୮)ଙ୍କ ସମ୍ପୃକ୍ତି ନେଇ ଜଣାପଡ଼ିଥିଲା। ପୋଲିସ ଗାଡ଼ି ଦୁଇଟିକୁ ଜବତ କରିବା ସହ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ ପରେ ୨୧ ତାରିଖରେ କୋର୍ଟଚାଲାଣ କରିଛି।

# ସଂକୀର୍ତ୍ତନ ମଣ୍ଡପ ନିର୍ମାଣ କଲେ ଯୁବଗୋଷ୍ଠୀ



ଗ୍ରାମର ଯୁବଗୋଷ୍ଠୀ ମଣ୍ଡପ ନିର୍ମାଣ କରୁଛନ୍ତି।

**କଣିହାଁ,୨୩।୧(ଡି.ଏନ.ଏ.)**

କଣିହାଁ ବ୍ଲକ ବଡ଼ହୀରା ଗ୍ରାମର ଯୁବକମାନେ ଅର୍ଥ ଓ ଶ୍ରମ ଦାନ କରି ରବିବାର ଏକ ନାମସଂକୀର୍ତ୍ତନ ମଣ୍ଡପ ନିର୍ମାଣ କରିଛନ୍ତି। ଭକ୍ତମାନଙ୍କ ସୂତ୍ରରୁ ମିଳିଥିବା ୩ ଲକ୍ଷ ଟଙ୍କାରୁ ଅଧିକ ଅର୍ଥରେ ଶ୍ରୀ ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଯୁବଗୋଷ୍ଠୀମାନେ କଂକ୍ରିଟ ମଣ୍ଡପ କାର୍ଯ୍ୟ ଶେଷ କରିଛନ୍ତି। ଏଥିପାଇଁ କଣିହାଁ ଅଞ୍ଚଳବାସୀ ଯୁବଗୋଷ୍ଠୀଙ୍କୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ବାଙ୍ଖୁଲି ନାଳ କୂଳରେ ୧୦ ବର୍ଷ ତଳେ ଗ୍ରାମବାସୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସିଦ୍ଧେଶ୍ୱର ଶୈବପୀଠ ପରିସରରେ ଏକ ଗ୍ରାମାଞ୍ଚଳ ଉଦ୍ୟାନ କରାଗଲେ ଏହା ପର୍ଯ୍ୟଟନସ୍ଥଳୀ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଶାପ୍ରକାଶ କରାଯାଇଛି।

### ୯୦ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ଜିଲାରୁ ରବିବାର ୯୦ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୩୯ ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଓଡ଼ାପଡ଼ା ବ୍ଲକରୁ ସର୍ବାଧିକ ୩୨ ଅଛନ୍ତି। ଏହାପରେ ଜିଲାରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୮୦୧ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଏବିଭିପିର ପରାକ୍ରମ ଦିବସ

**ଢେଙ୍କାନାଳ ଅଫିସ, ୨୩।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀକୁ ଢେଙ୍କାନାଳ ଜିଲା ଏବିଭିପି ପକ୍ଷରୁ ପରାକ୍ରମ ଦିବସ ଭାବେ ପାଳନ କରାଯାଇଛି। ଜିଲା ସଂଯୋଜକ ସୁଧାକର ସାହୁ, ଜିଲା ସହ-ସଂଯୋଜକ ଅରୂପ ପଟ୍ଟନାୟକ, ଜିଲା ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ଅନନ୍ୟା ହୋତା, ନଗର ସୋସିଆଲ୍ ମିଡିଆ ପ୍ରମୁଖ ଅବିନଭ ହୋତା, ନଗର ସହ-ସମ୍ପାଦକ ଶୁଭମ୍ ଗୁରୁମ୍, ଛାତ୍ର ନେତା ରାହୁଲ୍ ରୋଶନ୍, ଜୀବନଜ୍ୟୋତି ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ବିଭୂତି ଭୂଷଣ ସାମଲ ଶିକ୍ଷକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସ, ଉପସଭାପତି ରେଣୁବାଳା ବେହେରା, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ରାୟ, ଜୟଶ୍ରୀ ମିଶ୍ର, ଉପଦେଷ୍ଟା ପ୍ରମୋଦ ସ୍ୱାଇଁ, ଲିଙ୍ଗରାଜ ବେହେରା, ଶଶିକାନ୍ତ ଦାସ, ସୁରେଶ ପରିଡ଼ା, ତୃପ୍ତିମୟୀ ସାହୁ, ଅକ୍ଷୟ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





ଅନୁଗୋଳ ସହର ଶଙ୍କର ସିନେମା ରୋଡ୍ ଅଞ୍ଚଳରେ ପିଟର ଇଂଲଣ୍ଡର ନୂତନ ଶୋ'ରୁମ୍ ରବିବାର ଉଦ୍‌ଘାଟିତ ହୋଇଛି।

### ଜଏରାଟରେ ନେତାଜୀ ଜୟନ୍ତୀ





**ବଇଣ୍ଡା,୨୩।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଜଏରାଟଠାରେ ରବିବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଜଏରାଟ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଫୁଲ୍ଲ ପ୍ରଧାନ, ଯୁବ କବି କୁଳମଣି ମେହେର, ତୀର୍ଥବାସୀ ଭୋଇ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନ, ବିଜୟ କୁମାର ରଥ, ପୀତାମ୍ବର ପ୍ରଧାନ, ସୁରୁଚି ପ୍ରଧାନ, ରବିନାରାୟଣ ବାରିକ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

# ବିଜେଡିରେ ଯୋଗଦେଲେ ଭାଜପା କର୍ମୀ

**ଅନୁଗୋଳ ଅଫିସ,୨୩।୧**

ଅନୁଗୋଳ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ରବିବାର ଅନୁଗୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆମୌଜା ପଞ୍ଚାୟତ ଶରଧାପୁର ଗ୍ରାମର ବହୁ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ସ୍ୱଚ୍ଛ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କର୍ମୀମାନେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ଅରୁଣାଭ ସିଂହ, ବିନୋଦ ସାହୁ, ଭାଗୀରଥି ମାଝି, ବୁଲା ସ୍ୱାଇଁ, ବିକାଶ ସାହୁ, ଜୟନ୍ତ ସାହୁ, ଲୁଲୁ ବେହେରା, ସରୋଜ ପରିଡା, କୀର୍ତ୍ତିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି କର୍ମକର୍ତ୍ତାଙ୍କ ସହ ଯୋଗ ଦେଇଥିବା କର୍ମୀମାନେ।

# ଗୀତିନାଟ୍ୟ 'ସମର ତରଙ୍ଗ'ର ବହିପୂଜା



ସମର ତରଙ୍ଗର ବହିପୂଜା କାର୍ଯ୍ୟକ୍ରମରେ କଳାକାରମାନେ।

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ନାଟ୍ୟାନୁଷ୍ଠାନ କଳାପରିଷଦ ପକ୍ଷରୁ ଗୀତିନାଟ୍ୟ 'ସମର ତରଙ୍ଗ'ର ବହିପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନ ଢେଙ୍କାନାଳ ଗଡ଼ ଉପରେ କର ପ୍ରାପ୍ୟ ପାଇଁ ମରହଟ୍ଟା ସୈନ୍ୟମାନେ ଆକ୍ରମଣ କରିଥିଲେ। ଢେଙ୍କାନାଳ ରାଜା ତ୍ରିଲୋଚନଙ୍କ ସୈନ୍ୟମାନଙ୍କ ସହିତ ଚେମଣାଙ୍କ ନେତୃତ୍ୱରେ ଢେଙ୍କାନାଳ ଷାଠିଏବାଟିଆରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା। ଏଥିରେ ଢେଙ୍କାନାଳର ବିଜୟ ହୋଇଥିଲା। ୧୭୮୧ ମସିହାର ଏହି କଥାବସ୍ତୁକୁ ନେଇ ପ୍ରଥିତଯଶା କବି ବ୍ରଜନାଥ ବଡ଼ଜେନା 'ସମର ତରଙ୍ଗ' ରଚନା କରିଥିଲେ। ନାଟ୍ୟକାର ଅବନୀ କୁମାର ମିଶ୍ର ଏହାକୁ ନାଟ୍ୟରୂପ ଦେଇଥିବାବେଳେ କଳାପରିଷଦ ଅନୁଷ୍ଠାନ ଏହାକୁ ମଞ୍ଚସ୍ଥ କରିବ। ନାଟ୍ୟକାର ଶତ୍ରୁଘ୍ନ ମାଟି, ଶରତ ମାଝି ଏହାର ନାଟ୍ୟ ନିର୍ଦ୍ଦେଶନା ଏବଂ ପ୍ରଭାତ ମହାନ୍ତି ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। କଳାପରିଷଦ ସଭାପତି ଦିଲ୍ଲୀଶ୍ୱର ମହାରଣା, ଶତ୍ରୁଘ୍ନ ମାଟି, ଶରତ ମାଝି, ମନ୍ମଥ ପଟ୍ଟନାୟକ, ଅବନୀ ମିଶ୍ର, କିଶୋର ରାଉତ, ପ୍ରବୀର ମହାନ୍ତି, ଅଶୋକ ଦାସ, ଶଶି ପାଣି, ଅମ୍ବିକା ପ୍ରସାଦ ପଟ୍ଟନାୟକ, ବିନୋଦ ମହାନ୍ତି, ମନୋରଞ୍ଜନ ସିଂ, ଦ୍ୱିତୀକୃଷ୍ଣ ମଲ୍ଲିକ, ପୃଥ୍ୱୀଦିତ୍ୟ ଭୂଷଣ୍ଡ, ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩୩ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ଅନୁଗୋଳ ଅଫିସ,୨୩।୧**

ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନଙ୍କ ନେତୃତ୍ୱରେ ବଅଁରପାଳ ବ୍ଲକ ତୁରଙ୍ଗ ନେତାଜୀ ଯୁବକ ସଂଘଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ସହିତ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳ ଓ ନେତାଜୀ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଏହି ଶିବିରରେ ୩୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡିର ୨୬ ନଂ. ଜିଲା ପରିଷଦ ପ୍ରାର୍ଥୀ ସୁଶୀଳା ନାଏକ, ଆଇନଜୀବୀ ମଦନ ମୋହନ ସାହୁ, ତୁରଙ୍ଗ ସରପଞ୍ଚ ପ୍ରାର୍ଥୀ ଅଜୟ କୁମାର ସାହୁ, ସମିତି ସଭ୍ୟ ପ୍ରାର୍ଥୀ ସରୋଜ ପଣ୍ଡା, କାଣ୍ଡଶର ସରପଞ୍ଚ ପ୍ରାର୍ଥୀ ବବିତା ନାଏକ ଓ ଶାନ୍ତନୁ ସେଠୀ ସାମିଲ ହୋଇଥିଲେ। ଏହି ଶିବିରକୁ ନିହାର ରଞ୍ଜନ ଦାସ, ଆଲୋକ ରଞ୍ଜନ ସ୍ୱାଇଁ, ଅମିତ କୁମାର ଦାସ, ସୌମ୍ୟରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ।

# 'ସୁଭାଷ ଥିଲେ କ୍ରାନ୍ତିକାରୀ ସଂଗ୍ରାମୀ'

**ଢେଙ୍କାନାଳ ଅଫିସ, ୨୩।୧**

ଭାରତୀୟ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର କଥା ଯେତେବେଳେ ଉଠିବ, ସେତେବେଳେ ସୁଭାଷ ଚନ୍ଦ୍ର ବୋଷଙ୍କ ନାମ ଆଗରେ ରହିବ। ନେତାଜୀ ଥିଲେ ଜଣେ କ୍ରାନ୍ତିକାରୀ ସଂଗ୍ରାମୀ। ଓଡ଼ିଶା ମାଟିରେ ଜନ୍ମ ନେଇଥିବା ଏହି ମହାନ୍ ବିପ୍ଳବୀ ଉତ୍ତର ପିଢ଼ିଙ୍କ ପାଇଁ ଆଦର୍ଶ ବୋଲି ସଚେତନ ନାଗରିକ ଫୋରମ୍ ପକ୍ଷରୁ ଆୟୋଜିତ ତାଙ୍କ ୧୨୫ତମ ଜୟନ୍ତୀ ସମାରୋହରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ନୂଆ ପୋଖରୀ ତଟରେ ଥିବା ସୁଭାଷ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଫୋରମ୍ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସୁରେନ୍ଦ୍ର ମିଶ୍ର ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଭରତ ଦାସ, ସହ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ନଗରଶାଖା ସଭାପତି ଅମରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଉପଲକ୍ଷେ ପାର୍କରେ ନେତାଜୀଙ୍କ ପୂର୍ଣ୍ଣାବୟାବ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରାଯାଇଥିଲା।

ଅନୁରୂପ ଭାବେ ଗୁରୁଦେବଜୀ ଏକାଡେମୀ ଏବଂ ଆମେଚର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଭାଗୀରଥି ସାଗରସ୍ଥିତ ଶିଶୁ ଉଦ୍ୟାନ ପରିସରରେ ନେତାଜୀ ଜୟନ୍ତୀ ଓ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ନୌସେନା କର୍ମଚାରୀ ଅମୀୟ ଚାନ୍ଦ, ଗୁରୁଦେବଜୀ ଏକାଡେମୀ ଅଧ୍ୟକ୍ଷ ସୌମ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସେହିପରି ଗଁଦିଆ ବ୍ଲକ ଦଧିସିଙ୍ଗାଠାରେ ଗ୍ରାମବାସୀ, ନେତାଜୀ କ୍ଲବ, ସକ୍ରିୟ ନାଗରିକ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଭାଷ ବୋଷ ଯୁବ ସମାଜର ପ୍ରତୀକ ବୋଲି କହିଥିଲେ। କୌପିନଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା, ସାମାଜିକ କର୍ମୀ ସରୋଜ ଶତପଥୀ, କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ଶ୍ରମିକ ନେତା ଭାସ୍କର ନାୟକ, ଲଳିତ ବେହେରା, ଶିଳ୍ପୀ ଗଙ୍ଗାଧର ରଣା, ଦେବୀ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।



ଭାଗୀରଥି ସାଗରସ୍ଥିତ ଶିଶୁ ଉଦ୍ୟାନ ପରିସରରେ ନେତାଜୀ ଜୟନ୍ତୀ ଓ ପରାକ୍ରମ ଦିବସ ପାଳନ କରାଯାଉଛି।

### ଶିବ ମନ୍ଦିରରୁ ଚନ୍ଦନ ଗଛ ଚୋରି



**ଭୁବନ, ୨୩।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଗୋବିନ୍ଦପୁର ଗ୍ରାମ ଶୈବପୀଠ ପରିସରରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ମୂଲ୍ୟବାନ ଚନ୍ଦନ ଗଛ କାଟି ନେଇଛନ୍ତି। ରବିବାର ସକାଳେ ମନ୍ଦିର ଖୋଲିବା ପରେ ଏହା ଜଣାପଡ଼ିଥିଲା। ଏ ନେଇ ମଠକରଗୋଳା ବନ ବିଭାଗକୁ ସୂଚନା ଦିଆଯାଇଥିଲା। ତେବେ କେହି ଆସି ନ ଥିଲେ, ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି। ରେଞ୍ଜର ଅନିତା ସେଠୀ କୁହନ୍ତି, ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ଫରେଷ୍ଟରଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ।

### ନେତାଜୀଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ଦେଉଳସାହିସ୍ଥିତ ନେତାଜୀ କ୍ଲବ ପକ୍ଷରୁ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଦସ୍ୟମାନେ ମହିଳା କଲେଜ ସମ୍ମୁଖରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ହୃଦୟାନନ୍ଦ ମହାନ୍ତି, ପ୍ରଦ୍ୟୁମ୍ନ ପାଢ଼ୀ, ସମରେନ୍ଦ୍ର ମହାନ୍ତି, ବିନୋଦ ମହାନ୍ତି, ମନୋଜ ମହାନ୍ତି, ଅଜୟ ବାରିକ, ପ୍ରିନ୍ସ ସମୀର, ସଂଗ୍ରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

